# ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ କାର୍ଯ୍ୟାଳୟ, ଆଳି

## ବିଜ୍ଞାପନ ସଂଖ୍ୟା. ୧୩୩୦/ ତାରିଖ.୨୪.୧୧.୨୦୨୫

ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ଅନଲାଇନ (Online) ମାଧ୍ୟମରେ ଦରଖାସ୍ତ ଆହ୍ୱାନ

| ଘଟଣାବଳୀ | ଆରମ୍ଭ ତାରିଖ | ଶେଷ ତାରିଖ |
|---|---|---|
| ଅନଲାଇନ (Online) ନାମ ପଞ୍ଜୀକରଣ | ତା.୦୩.୧୨.୨୦୨୫ | ତା.୧୭.୧୨.୨୦୨୫ |
| ଅନଲାଇନ(Online)ଦରଖାସ୍ତଉପସ୍ଥାପନ | ତା.୦୩.୦୬.୨୦୨୫ | ତା.୧୭.୧୨.୨୦୨୫ |
| ମୂଳ ପ୍ରମାଣପତ୍ର (Original Certificates)ର ଯାଞ୍ଚ ପ୍ରକ୍ରିୟା | ତା.୧୯.୧୨.୨୦୨୫ (ଦିବା ୧୧ ଘଟିକା ସମୟରୁ ଅପରାହ୍ନ୨ ଘଟିକା ସମୟ ପର୍ଯ୍ୟନ୍ତ( | |

ଏତଦ ଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ ଆଳି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ନିମ୍ନବର୍ଣ୍ଣିତ ୨ (ଦୁଇ) ଗୋଟି ଅଙ୍ଗନ ୱାଡି କେନ୍ଦ୍ର ପାଇଁ ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ମହିଳା ଓ ଶିଶୁ ବିକାଶ ବିଭାଗ, ଓଡିଶା, ଭୁବନେଶ୍ୱର ଚିଠି ସଂଖ୍ୟା ୪୯୭୦/ତା. ୧୫.୦୩.୨୦୨୩ ରିଖ ପ୍ରକାରେ ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ଆଳି ପତ୍ର ସଂଖ୍ୟା-୧୩୨୮/ତା.୨୪.୧୧.୨୦୨୫ ରିଖ ଅନୁଯାୟୀ ମହିଳା ପ୍ରାର୍ଥିନୀଙ୍କ ଠାରୁ online portal ମାଧ୍ୟମରେ ଦରଖାସ୍ତ ଆହ୍ୱାନ ନିମନ୍ତେ ବିଜ୍ଞପ୍ତି ଜାରି କରାଯାଉଅଛି । ଉକ୍ତ ପଦବୀ ସଂପୂର୍ଣ୍ଣ ଅସ୍ଥାୟୀ ଅଟେ । ଅଙ୍ଗନୱାଡି କର୍ମୀଙ୍କୁ ମାସିକ ସାନ୍ତ୍ୱନା ମୂଳକ ମାନଦେୟ ଟ ୧୦୦୦୦) -/ଦଶ ହଜାର ଟଙ୍କା) ମାତ୍ର ଧାର୍ଯ୍ୟ କରାଯାଇଅଛି । ଏଣୁ ନିମ୍ନ ଯୋଗ୍ୟତାଧାରୀ ପ୍ରାର୍ଥୀନୀ ତା. ୦୩.୧୨.୨୦୨୫ ରିଖ ଠାରୁ ତା. ୧୭.୧୨.୨୦୨୫ ରିଖ ମଧ୍ୟରେ ମହିଳା ଓ ଶିଶୁ ବିକାଶ ବିଭାଗ ଦ୍ୱାରା ପ୍ରସ୍ତୁତ website: **(http://engagement-awc.odisha.gov.in/landing)** ରେ Login କରିଆବଶ୍ୟକ ହେଉଥିବା ସମସ୍ତ ଯୋଗ୍ୟତାର ପ୍ରମାଣ ପତ୍ର PDF କରି ଅପଲୋଡ କରି ଦରଖାସ୍ତ ଆବେଦନ କରିପାରିବେ । କୌଣସି Offline ଆବେଦନ ଗ୍ରହଣ କରାଯିବ ନାହିଁ ।

ପ୍ରାପ୍ତ ହୋଇଥିବା ସମସ୍ତ online ଆବେଦନ ଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆବେଦନ କରିବାର ଶେଷ ତାରିଖ ପରେ ଯାଞ୍ଚ କରାଯିବ । ଏଣୁ ପ୍ରାର୍ଥିନୀ ମାନେ ନିଜ ନିଜର ଅନଲାଇନ ଆବେଦନ ପତ୍ର (Online Application Form), ମୂଳ ପ୍ରମାଣପତ୍ର (Original Certificate) ଓ ତାର ସହି ନକଲ (Self Attested Xerox copies) ଗୁଡିକ ସହ ଯାଞ୍ଚ ତାରିଖ ଦିନ ଧାର୍ଯ୍ୟ ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ବ୍ୟକ୍ତିଗତ ଭାବେ ଉପସ୍ଥିତ ରହି ଯାଞ୍ଚ ପ୍ରକ୍ରିୟା ରେ ଅଂଶ ଗ୍ରହଣ କରିବେ ନଚେତ ଦରଖାସ୍ତ ରଦ୍ଦ କରାଯିବ ଏବଂ ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେବେ ନାହିଁ । ଏହା ସହ ତ୍ରୁଟି ପୂର୍ଣ କିମ୍ବା ଉପଯୁକ୍ତ ପ୍ରମାଣପତ୍ର ଦାଖଲ କରିନଥିବା ପ୍ରାର୍ଥିନୀ ମାନଙ୍କର ଆବେଦନ ପତ୍ର ଯାଞ୍ଚ ସମୟରେ ଖାରଜକରାଯିବ । ଖାରଜ ଏବଂ କାଏମ ରହିଥିବା ଆବେଦନକାରୀଙ୍କ ତାଲିକା ୱେବସାଇଟ (http://engagement-awc.odisha.gov.in/landing)ରେ ପ୍ରକାଶ ପାଇବ । କୌଣସି ଆବେଦନକାରୀଙ୍କର ଯଦି କିଛି ଅଭିଯୋଗ ଥାଏ ତା ହେଲେ ସେମାନେ Public Login ବ୍ୟବହାର କରି Online ମାଧ୍ୟମରେ କିମ୍ବା ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଲିଖିତଭାବେ ଅଭିଯୋଗ କରିପାରିବେ ।

ଅଙ୍ଗନୱାଡିକର୍ମୀ ପଦବୀ ପୂରଣ ନିମନ୍ତେ ଖାଲିପଡିଥିବା ଅଙ୍ଗନୱାଡି କେନ୍ଦ୍ରମାନଙ୍କର ତାଲିକା ନିମ୍ନରେ ପ୍ରଦାନ କରାଗଲା-:

| କ୍ରମିକ ସଂଖ୍ୟା | ଗ୍ରାମ ପଞ୍ଚାୟତର ନାମ | ଗ୍ରାମର ନାମ | ଖାଲିଥିବା ଅଙ୍ଗନୱାଡି କେନ୍ଦ୍ରର ନାମ | ପଡା /ସାହି /ବସ୍ତିର ନାମ | ନିର୍ଦ୍ଧାରିତ ପରିସର ଭୁକ୍ତ ଅଞ୍ଚଳ |
|---|---|---|---|---|---|
| ୧. | ଦେସାହି | ଦେସାହି | ଦେସାହି | ୱାର୍ଡ ନମ୍ବର- ୯, ୧୦, | ଘର ନମ୍ବର ୧, ବିମନ ଜେନା ଙ୍କ ଘର ଠାରୁ ଘର ନମ୍ବର ୧୧୨, ରମାକାନ୍ତ ସାହୁ ଙ୍କ ଘର ପର୍ଯ୍ୟନ୍ତ |
| ୨. | ଅଟାଳ | ଧନେଶ୍ୱରପୁର | ଧନେଶ୍ୱରପୁର | ୱାର୍ଡ ନମ୍ବର- ୧୦, ୧୧ | ଘର ନମ୍ବର ୧, ଚନ୍ଦ୍ରମଣି ଜେନା ଙ୍କ ଘର ଠାରୁ ଘର ନମ୍ବର ୧୦୦, ସୁଦର୍ଶନ ରାଉତ ଙ୍କ ଘର ପର୍ଯ୍ୟନ୍ତ |

<u>ଅଙ୍ଗନୱାଡି କର୍ମୀ ନିଯୋଜନ ନିମନ୍ତେ ସର୍ତ୍ତାବଳୀ -</u>

୧) ପ୍ରାର୍ଥୀନୀ ମାନେ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ର ପରିସର ଭୁକ୍ତ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ । ପ୍ରାର୍ଥୀନୀ କେନ୍ଦ୍ରପରିସର ଭୁକ୍ତ ସ୍ଥାୟୀ ବାସିନ୍ଦା ବୋଲି ଏକ ସତ୍ୟପାଠ (Affidavit) ଦରଖାସ୍ତ ସହମୂଳ ପ୍ରମାଣ ପତ୍ର ଯାଞ୍ଚ ସମୟରେ ପଇଠ କରିବେ ଏବଂ ଯଦି ଭବିଷ୍ୟତରେ ତାହା ଭୁଲ ପ୍ରମାଣିତ ହୁଏ ତେବେ ପ୍ରାର୍ଥୀନୀଙ୍କୁ ଚାକିରିରୁ ଅନ୍ତର କରାଯିବା ସହ ଆଇନ ଅନୁଯାୟୀ ଦଣ୍ଡିତକରାଯିବ । ପ୍ରାର୍ଥୀନୀ ବୈଧସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର (Resident Certificate) ସମ୍ପୃକ୍ତ ତହସିଲଦାରଙ୍କ ଠାରୁ ଆଣି ଦରଖାସ୍ତ ସହପଇଠ (upload)କରିବେ ।

୨) ତା.୦୧.୧୨.୨୦୨୫ରିଖ ସୁଦ୍ଧା ପ୍ରାର୍ଥୀନୀଙ୍କର ବୟସ ୧୮ବର୍ଷରୁ କମ୍ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇ ନଥିବା ଆବଶ୍ୟକ।

୩) ପ୍ରାର୍ଥୀନୀଙ୍କର ଯୋଗ୍ୟତା ଅନ୍ୟୁନ +୨ ପାସ ହୋଇଥିବା ଆବଶ୍ୟକ । ଶିକ୍ଷାଗତ ଯୋଗ୍ୟତାର ପ୍ରମାଣପତ୍ରର ସହିନକଲ ଦରଖାସ୍ତ ସହ ପଇଠ (upload) କରିବେ । +୨ ପରୀକ୍ଷାରେ ପ୍ରାପ୍ତ କରିଥିବା ନମ୍ବର ଏବଂ ବୋର୍ଡ ପରୀକ୍ଷାର ସାର୍ଟିଫିକେଟ ମଧ୍ୟ ପଇଠ (upload) କରିବେ ।

୪) ପ୍ରାର୍ଥୀନୀ ଭଲ ଭାବରେ ଓଡିଆ ଲେଖି, ପଢି, ବୁଝିପାରୁଥିବେ ଏବଂ ଏହା ସହିତ

- ଓଡିଆ ଭାଷା ବିଷୟ ସହିତ ମାଧମିକ ବିଦ୍ୟାଳୟ ପରୀକ୍ଷାରେ ଉତୀର୍ଣ୍ଣ ହୋଇଥିବେ ।

  କିମ୍ବା,

- ଉଚ୍ଚ ମାଧମିକ ପରୀକ୍ଷା କିମ୍ବା ତତ୍ ସମକକ୍ଷ ପରୀକ୍ଷାରେ ଅଣ ଭାଷା ବିଷୟ ଗୁଡିକୁ ଓଡିଆ ମାଧମରେ ପାସ୍

  କିମ୍ବା,

- ଓଡିଶା ସରକାର କିମ୍ବା କେନ୍ଦ୍ର ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଶିକ୍ଷାନୁଷ୍ଠାନରେ ସପ୍ତମ ଶ୍ରେଣୀ ପରୀକ୍ଷାରେ ଓଡିଆ ଏକ ଭାଷା ବିଷୟ ଭାବରେ ପାସ୍ କରିଥିବେ ।

  କିମ୍ବା,

- ଓଡିଶା ସରକାରଙ୍କ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ଦ୍ୱାରା ଆୟୋଜିତ ଓଡିଆ ଭାଷା ପରୀକ୍ଷାରେ (ଇଂରାଜୀ ମାଧମିକ ବିଦ୍ୟାଳୟ ସମକକ୍ଷ) ଉତୀର୍ଣ୍ଣ କରିଥିବେ ।

୫) ପ୍ରାର୍ଥୀନୀଙ୍କର +୨ ଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିଲେ ପ୍ରମାଣପତ୍ର ଦାଖଲ (upload) କରିବେ ।

୬) ଦରଖାସ୍ତ ସହ ଦୁଇ ଗୋଟି ପାସପୋର୍ଟ ଫଟୋ ସଲଗ୍ନ କରିବେ ।

୭) ଅନୁସୂଚିତଜାତିଓଜନଜାତି ଆବେଦନକାରିଣୀ ଜାତିଗତ ପ୍ରମାଣପତ୍ର ପଇଠ (upload) କରିବେ ।

୮) ଅନାଥ ଆବେଦନ କାରିଣୀ ତତ୍ ସମ୍ପର୍କିତ ପ୍ରମାଣ ପତ୍ର ପଇଠ (upload) କରିବେ ।

୯) ଭିନ୍ନକ୍ଷମ/ଦିବ୍ୟାଙ୍ଗ ପ୍ରାର୍ଥୀନୀ ପ୍ରମାଣପତ୍ର ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ଆଣି ଦରଖାସ୍ତ ଦାଖଲ (upload) କରିବେ ।

୧୦) ବିଧବା ଆବେଦନକାରୀ ପ୍ରମାଣ ପତ୍ର ଦରଖାସ୍ତ ସହ ପଇଠ (upload) କରିବେ ।

୧୧) ନିରାଶ୍ରୟ, Deserted ପ୍ରାର୍ଥିନୀ ଆବଶ୍ୟକୀୟ ପ୍ରମାଣପତ୍ର ଦରଖାସ୍ତ ସହ ପଇଠ (upload) କରିବେ ।

୧୨) ସ୍ୱାମୀ ପରିତ୍ୟକ୍ତା ହୋଇଥିଲେ Family Court ରୁ ପ୍ରାପ୍ତ ଛାଡପତ୍ରର ପ୍ରମାଣପତ୍ର ପଇଠ(upload) କରିବେ ।

୧୩) ସର୍ବଶିକ୍ଷା ଅଭିଯାନରେ ଖୋଲାଯାଇଥିବା ଇ.ସି.ସି.ଇ. ସେଣ୍ଟରରେ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ, ଏଥି ନିମନ୍ତେ ଡି.ପି.ସି.ଏସ.ଏସ.ଏ.ଙ୍କ ଠାରୁ ପ୍ରାପ୍ତ ପ୍ରମାଣପତ୍ର ଦାଖଲ (upload) କରିବେ । (ନିଯୁକ୍ତି ପ୍ରମାଣପତ୍ର ଏବଂ ଅଭିଜ୍ଞତା ପ୍ରମାଣପତ୍ର)

୧୪) ବାଲୱାଡି କର୍ମୀ ଭାବେ ବାଲୱାଡି କେନ୍ଦ୍ରରେ କାର୍ଯ୍ୟ କରିଥିଲେ ଏଥି ନିମନ୍ତେ ପ୍ରାପ୍ତ ପ୍ରମାଣପତ୍ର ଦାଖଲ (upload) କରିବେ ।(ନିଯୁକ୍ତି ପ୍ରମାଣପତ୍ର ଏବଂ ଅଭିଜ୍ଞତା ପ୍ରମାଣପତ୍ର)

୧୫) ପ୍ରାର୍ଥୀନୀ ମାନେ ଦରଖାସ୍ତ ସହ ସଲଗ୍ନ କରିଥିବା ସମସ୍ତ କାଗଜାତରେ ନିଜର ଦସ୍ତଖତ କରି ଦାଖଲ କରିବେ ।

୧୬) ପ୍ରାର୍ଥୀନୀ ଏକାଧିକ କେନ୍ଦ୍ର ପାଇଁ ଆବେଦନ କରିପାରିବେ ନାହିଁ ।

୧୭) ଅଙ୍ଗନୱାଡି କର୍ମୀ ନିମନ୍ତେ ଆବେଦନ ପତ୍ର ତା.୧୭.୧୨.୨୦୨୫ରିଖ ପର୍ଯ୍ୟନ୍ତ online website ରେନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଦାଖଲ କରିବେ । ନିର୍ଦ୍ଧାରିତ ସମୟ ସୀମା ପରେ ଆଉ କୌଣସି ଦରଖାସ୍ତ ଗ୍ରହଣକରାଯିବ ନାହିଁ ।

୧୮) ତା. ୧୯.୧୨.୨୦୨୫ ରିଖ ଦିବା ୧୧ ଘଟିକା ସମୟରୁ ଅପରାହ୍ନ ୨ ଘଟିକା ସମୟ ପର୍ଯ୍ୟନ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ,ଆଳିଙ୍କ କାର୍ଯାଳୟ ଠାରେ ଅନଲାଇନରେ ଅପଲୋଡ ହୋଇଥିବାସମସ୍ତ ଆବେଦନ ପତ୍ର (Online Application Form), ସମସ୍ତ ପ୍ରମାଣପତ୍ର ସହ ମୂଳ ପ୍ରମାଣ ପତ୍ର (Original Certificates) ପ୍ରାର୍ଥୀନୀ ମାନଙ୍କ ଉପସ୍ଥିତି ରେଯାଞ୍ଚ କରାଯିବ । ଏଣୁ ପ୍ରାର୍ଥୀନୀମାନେ ନିର୍ଦ୍ଧାରିତ ତାରିଖ ଓ ସମୟରେ ନିଜର ସମସ୍ତ ମୂଳପ୍ରମାଣପତ୍ର )Original certificates), ତାର ସହି ନକଲ (Self Attested Xerox copies) ସହ କାର୍ଯାଳୟରେ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

୧୯) ଏହି କାର୍ଯ୍ୟାଳୟରେ କାଗଜାତ ଯାଞ୍ଚ ସମୟରେ ଅନୁପସ୍ଥିତ ରହିଥିବା ପ୍ରାର୍ଥୀନୀ ମାନଙ୍କର ଦରଖାସ୍ତ ବିଚାରକୁନିଆଯିବ ନାହିଁ ।

୨୦) ଉକ୍ତ Certificate ର ଯାଞ୍ଚ ପରେ ଚୟନ ପ୍ରକ୍ରିୟା କମିଟି ମାଧ୍ୟମରେ କରାଯିବ । ଯାଞ୍ଚ ପ୍ରକ୍ରିୟାରେ ଅନୁପସ୍ଥିତ ରହିଥିବା ପ୍ରାର୍ଥୀନୀମାନଙ୍କର ଦରଖାସ୍ତ ରଦ୍ଦ କରାଯିବ ।

୨୧) ଅଙ୍ଗନୱାଡି କର୍ମୀ ଜଣେ ସ୍ୱେଚ୍ଛାସେବୀ ଅଟନ୍ତି ଏବଂ ସେଥି ନିମନ୍ତେ ସେ ପାରିତୋଷିକ ପାଆନ୍ତି । ସେ ସ୍ଥିରକୃତ କିମ୍ବା କ୍ରମବର୍ଦ୍ଧନ ଦରମା ପ୍ରାପ୍ତ କର୍ମଚାରୀ ନୁହନ୍ତି । ତେଣୁ ସେମାନଙ୍କ ଚୟନ କ୍ଷେତ୍ର ରେ ORV- Act(SC & ST), ୧୯୭୫ ଏବଂ କର୍ମ ନିୟୋଜନ ଆକ୍ଟ -୧୯୫୯ ପ୍ରଯୁଜ୍ୟ ହେବ ନାହିଁ । ସେହିପରି ଅଙ୍ଗନୱାଡି କର୍ମୀ ଭବିଷ୍ୟତରେ ସେମାନଙ୍କର ସ୍ଥାୟୀ ନିଯୁକ୍ତି ନିମନ୍ତେ ଦାବି କରି ପାରିବେ ନାହିଁ ।

**ଅଙ୍ଗନୱାଡି କର୍ମୀ ଚୟନ ପ୍ରକ୍ରିୟା ନୀୟମାବଳି :-**

୧) +୨ପରୀକ୍ଷାରେ ପ୍ରାପ୍ତ ନମ୍ବରର ପ୍ରତିଶତ ଆବେଦନକାରୀଙ୍କ ମଧ୍ୟରେ ମେରିଟ୍ ଲିଷ୍ଟ ପ୍ରସ୍ତୁତ କରିବାର ଆଧାର ହେବ।

୨) ଏହା ସହିତ ନିମ୍ନଲିଖିତ ବର୍ଗର ପ୍ରାର୍ଥୀମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ଅତିରିକ୍ତ ପଏଣ୍ଟ ପ୍ରଦାନ କରାଯିବ।

| କ୍ରମିକ ସଂଖ୍ୟା | ବର୍ଗ | ଅତିରିକ୍ତପଏଣ୍ଟ |
|---|---|---|
| ୧. | ଅନୁସୂଚିତ ଜାତି ଓ ଜନଜାତି ପ୍ରାର୍ଥୀନୀ | ୧୦ |
| ୨. | ବିଧବା ପ୍ରାର୍ଥୀନୀ | ୧୦ |
| ୩. | ଅନାଥ ପ୍ରାର୍ଥୀନୀ (ଜନ୍ମିତ କିମ୍ବା ଆଇନ ଗତ ପିତାମାତା ନଥିବେ) | ୧୦ |
| ୪. | ଭିନକ୍ଷମ/ଦିବ୍ୟାଙ୍ଗ ପ୍ରାର୍ଥୀନୀ (୪୦% ରୁ ଅଧିକକୁ ଶାରୀରିକ ଭାବରେ ଅକ୍ଷମ ଭାବରେ ଗ୍ରହଣ କରାଯିବ) | ୫ |
| ୫. | ନିରାଶ୍ରୟ, Deserted, ସ୍ୱାମୀ ପରିତ୍ୟକ୍ତା ପ୍ରାର୍ଥିନୀ | ୫ |
| ୬. | ପ୍ରାର୍ଥୀନୀଙ୍କର +୨ ଠାରୁ ଅଧିକ ଶିକ୍ଷାଗତ ଯୋଗ୍ୟତା ଥିଲେ | ୫ |
| ୭. | ସର୍ବଶିକ୍ଷା ଅଭିଯାନରେ ଖୋଲାଯାଇଥିବା ଇ.ସି.ସି.ଇ. ସେଣ୍ଟରରେ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ | ବାର୍ଷିକ ସେବା ପ୍ରଦାନ ପାଇଁ ୫ ପଏଣ୍ଟ ଏବଂ ସର୍ବାଧିକ ୧୫ ପଏଣ୍ଟ |
| ୮. | ବାଲୱାଡି କର୍ମୀ ଭାବେ ବାଲୱାଡି କେନ୍ଦ୍ରରେ କାର୍ଯ୍ୟକରିଥିଲେ | ବାର୍ଷିକ ସେବା ପ୍ରଦାନ ପାଇଁ ୫ ପଏଣ୍ଟ ଏବଂ ସର୍ବାଧିକ ୧୫ ପଏଣ୍ଟ |

ମମିନା ପାଣ୍ଡା
୨୪।୧୧।୨୦୨୪
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ,
Child Dev Project Officer
ଆଳି
Aul

ପରିପତ୍ର ସଂଖ୍ୟା. ୧୩୩୧ / ତାରିଖ. ୨୪.୧୧.୨୦୨୪

ଏହାର ଏକାକିତା ନକଲ ଉପଜିଲ୍ଲାପାଳ, କେନ୍ଦ୍ରାପଡ଼ା / ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କେନ୍ଦ୍ରାପଡ଼ାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକାକିତା ନକଲ ମଣ୍ଡଳ ଉନ୍ନୟନ ଅଧିକାରୀ,ଆଳି /ବି.ଏସ.ଏସ.ଓ, ଆଳି / ଗୋଷ୍ଠୀ ଶିକ୍ଷା ଅଧିକାରୀ ,ଆଳିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକାକିତା ନକଲ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଆଳି ଙ୍କ ଅବଗତି ଓବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକାକିତା ନକଲ ଅଧ୍ୟକ୍ଷ, ପଞ୍ଚାୟତ ସମିତି, ଆଳି / ଉପାଧ୍ୟକ୍ଷ ,ପଞ୍ଚାୟତ ସମିତି, ଆଳିଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକାକିତା ନକଲ ସଂପୃକ୍ତ ପଞ୍ଚାୟତର ସରପଞ୍ଚ /ସମିତି ସଭ୍ୟ /ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ବହୁଳ ପ୍ରସାର ପାଇଁ ବିଜ୍ଞାପନ ଫଳକରେ ଲଗାଇବାକୁ ଅନୁରୋଧ କରାଗଲା ।

ଏହାର ଏକାକିତା ନକଲ ସମ୍ପୃକ୍ତ କେନ୍ଦ୍ରର ମହିଳା ପରିଦର୍ଶିକା ଏବଂ ଭାରପ୍ରାପ୍ତ ଅଙ୍ଗନୱାଡି କର୍ମୀଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ସେମାନେ ଉକ୍ତ ଗ୍ରାମର ସମସ୍ତ ମହିଳାଙ୍କୁ ଜଣାଇବା ସଙ୍ଗେ ସଙ୍ଗେ ଗ୍ରାମର ମୁଖ୍ୟ ଜନ ଗହଳି ସ୍ଥାନରେ ଲଟକାଇ ଦେବେ।

ମମିନା ପାଣ୍ଡା
୨୪।୧୧।୨୦୨୪
ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ
Child Dev. Project Officer
ଆଳି Aul